# ସାହିତ୍ୟିକଙ୍କ ତଥ୍ୟ ଐତିହାସିକଙ୍କ ସତ୍ୟଠୁ ଅଧିକ ପ୍ରଭାବଶାଳୀ : ରାଷ୍ଟ୍ରପତି

■ ଗୋପବନ୍ଧୁ, ଫକିରମୋହନ, ଗଙ୍ଗାଧର, ପ୍ରତିଭାଙ୍କୁ ଉଲ୍ଲେଖ କଲେ

■ ରେବତୀ କାହାଣୀ ବିଦ୍ୟାର୍ଥୀ କାଳରୁ ମୋ ଉପରେ ଗଭୀର ପ୍ରଭାବ ପକାଇଛି

ନୂଆଦିଲ୍ଲୀ, ୨୯ ।୯(ନି ପ୍ର): ସାହିତ୍ୟିକଙ୍କ ତଥ୍ୟ ଐତିହାସିକଙ୍କ ସତ୍ୟ ଠାରୁ ଅଧିକ ପ୍ରଭାବଶାଳୀ। କାରଣ ସାହିତ୍ୟ ଜନସାଧାରଣଙ୍କ



ଜୀବନ ମୂଲ୍ୟକୁ ବ୍ୟକ୍ତ କରିଥାଏ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମତବ୍ୟକ୍ତ କରିଛନ୍ତି। ସାହିତ୍ୟ ଏକାଡେମୀ ଏବଂ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ରାଷ୍ଟ୍ରପତି ଭବନ ଠାରେ ଆୟୋଜିତ ଦୁଇ ଦିନିଆ ସାହିତ୍ୟ ସମ୍ମିଳନୀକୁ ଉଦ୍‌ଘାଟନ କରି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ଯେ, ମୟୂରଭଞ୍ଜ ଜିଲ୍ଲାର ସୀତାକୁଣ୍ଡ ପର୍ଯ୍ୟଟନସ୍ଥଳୀ ଅଞ୍ଚଳରେ ବନବାସ ସମୟରେ ଭଗବାନ ରାମ ଏବଂ ମାତା ସୀତା କିଛି ସମୟ ବିତାଇଥିବା କୁହାଯାଏ। ଏହି ଜନଶ୍ରୁତି ବିଷୟରେ ତଥ୍ୟରେ ଭିନ୍ନତା ରହିବା ମହତ୍ତ୍ୱପୂର୍ଣ୍ଣ ନୁହେଁ; ବଡ଼ କଥା ହେଲା ଆଦିକବି ବାଲ୍ମୀକିଙ୍କ ଦ୍ୱାରା ରଚିତ ରାମାୟଣ ଏବଂ ବିଭିନ୍ନ ଭାଷାରେ ରାମ ଓ ସୀତାଙ୍କ କାହାଣୀ ଭାରତର ଭାବନାତ୍ମକ ଏକତାକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିଛି।

ସମସ୍ତ ଭାରତୀୟ ଭାଷା ମୋର ଭାଷା ଏବଂ ସମସ୍ତ ଭାରତୀୟ ଭାଷାର ସାହିତ୍ୟ ମୋର ସାହିତ୍ୟ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଆମ ପରିବାରରେ ଅନେକ ଭାଷା ଏବଂ ଅଗଣିତ ଉପଭାଷା ରହିଛି। ଆମ ସାହିତ୍ୟରେ ଅସୀମ ବିବିଧତା ରହିଛି। କିନ୍ତୁ ଏହି ବିବିଧତାରେ ଭାରତୀୟତାର ସ୍ପନ୍ଦନ ଅନୁଭୂତ ହୁଏ। ଭାରତୀୟତାର ଏହି ଭାବନା ଆମ ଦେଶର ସାମୂହିକ ଚେତନାରେ ସନ୍ନିହିତ ହୋଇରହିଛି। ଏହି ଅବସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ କବିତାର ପଙ୍କ୍ତି- 'ଥିଲେ ଯହିଁ ତହିଁ ଭାରତ ବକ୍ଷରେ, ମଣିବି ମୁଁ ଅଛି ଆପଣା ଘରେ, ମୋ ନେତ୍ରେ ଭାରତ-ଭିନ୍ନ ଶାଳଗ୍ରାମ, ପ୍ରତି ସ୍ଥାନ ମୋର ପ୍ରିୟ ପୁରୀ-ଧାମ'ର ଅବତାରଣା କରି କହିଛନ୍ତି ଯେ, ଭାରତମାତା କୋଳରେ ଯେକୌଣସି ସ୍ଥାନରେ ଥିଲେ ମଧ୍ୟ ମୁଁ ନିଜ ଘରେ ରହିଛି ବୋଲି ମାନିଥାଏ। ମୋ ଦୃଷ୍ଟିରେ ଭାରତଭୂମିର ପ୍ରତ୍ୟେକ ପଥର ଶାଳଗ୍ରାମ ଭଳି ଉପାସନା ଯୋଗ୍ୟ। ଭାରତର ପ୍ରତ୍ୟେକ ସ୍ଥାନ ପୁରୀ ଜଗନ୍ନାଥ ଧାମ ଭଳି ମୋର ପ୍ରିୟ ସ୍ଥାନ।

ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଦ୍ୱାରା ରଚିତ ଅମର କାହାଣୀ 'ରେବତୀ' ବିଦ୍ୟାର୍ଥୀ ଜୀବନକାଳରୁ ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଛି ବୋଲି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି। ଊନବିଂଶ ଶତାବ୍ଦୀରେ ରଚିତ ଏହି କାହାଣୀରେ ପାଠପଢ଼ା ପ୍ରତି ଜଣେ ବାଳିକାର ଆଗ୍ରହ ବିଷୟ ବର୍ଣ୍ଣିତ ହୋଇଛି।

ଜେଜେ ମାଆର ବାରଣ ସତ୍ତ୍ୱେ ରେବତୀ ପାଠପଢ଼ା ପାଇଁ ଜିଦ୍ କରିଛି। ବାପା ରେବତୀ ପାଇଁ ପାଠପଢ଼ା ବ୍ୟବସ୍ଥା କରିଛନ୍ତି। ସେତେବେଳେ ଦେଶର ଅଧିକାଂଶ ଅଞ୍ଚଳରେ ବାଳିକାଙ୍କ ପାଠପଢ଼ା ଅସମ୍ଭବ ଭଳି ଥିଲା। ଏହି କାହାଣୀ ଜରିଆରେ ନାରୀ ଶିକ୍ଷା ପ୍ରତି ସମାଜରେ ସକାରାତ୍ମକ ଭାବନା ସୃଷ୍ଟି କରିବା ଲାଗି ଅମୂଲ୍ୟ ପ୍ରୟାସ ହୋଇଥିଲା। ମୋ ଭଳି ଅନେକ ମହିଳାଙ୍କ ଜୀବନ ଉପରେ ଏହି କାହାଣୀ ଗଭୀର ପ୍ରଭାବ ପକାଇଛି। ଏପରି ସାହିତ୍ୟକୁ ପରିବର୍ତ୍ତନର ସାହିତ୍ୟ କୁହାଯାଇପାରିବ ବୋଲି ରାଷ୍ଟ୍ରପତି କହିଛନ୍ତି। ମହାନ ଓଡ଼ିଆ କବି ଗଙ୍ଗାଧର ମେହେରଙ୍କ ଦ୍ୱାରା ରଚିତ 'ମୁଁ ଯେ ଅମୃତ ସାଗର ବିନ୍ଦୁ'କୁ ଅବତାରଣା କରି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ଯେ, ଏହାର ଅର୍ଥ ହେଉଛି ମୁଁ ଅମୃତ ସାଗରରେ ଏକ ବିନ୍ଦୁ ସଦୃଶ। ବାସ୍ତବରେ ଜୀବନ ଧାରା ଅବିରତ ଏବଂ ଅନନ୍ତ। ଧାରା ବଦଳି ଥାଏ, କିନ୍ତୁ ଜଳ ତତ୍ତ୍ୱ ସମାନ ଥାଏ। ସାହିତ୍ୟ ଆମକୁ ଏହି ବାର୍ତ୍ତା ପ୍ରଦାନ କରୁଛି।

ଦ୍ରୌପଦୀଙ୍କ ଚରିତ୍ର ଉପରେ ପ୍ରତିଭା ରାୟଙ୍କ ରଚିତ ଉପନ୍ୟାସ 'ଯାଜ୍ଞସେନୀ' ବିଷୟ ଉଲ୍ଲେଖ କରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ଯେ, ଏହାର ଲୋକପ୍ରିୟତା ପ୍ରତ୍ୟେକ ଦିନ ନୂଆସ୍ତର ସ୍ଥାପିତ କରୁଛି। ଅଦ୍ୟାବଧି ଉପନ୍ୟାସର ୧୨୦ତମ ସଂସ୍କରଣ ପ୍ରକାଶିତ ହୋଇସାରିଲାଣି। ମହିଳା ଚରିତ୍ର ଉପରେ କୌଣସି ମହିଳା ସାହିତ୍ୟିକାଙ୍କ ଦ୍ୱାରା ରଚିତ ଉପନ୍ୟାସର ଏପରି ଲୋକପ୍ରିୟତା ସାହିତ୍ୟ ପ୍ରେମୀଙ୍କ ପାଇଁ ନିଶ୍ଚିତ ଖୁସିର ବିଷୟ। ସମାଜ ଏବଂ ସାମାଜିକ ଅନୁଷ୍ଠାନ ବଦଳିବା ସହିତ ଆଦର୍ଶ ଓ ପ୍ରାଥମିକତାରେ ପରିବର୍ତ୍ତନ ହୋଇଛି। ସେହିଭଳି ଭାବରେ ସାହିତ୍ୟରେ ମଧ୍ୟ ପରିବର୍ତ୍ତନ ଦେଖାଯାଉଛି। କିନ୍ତୁ ସ୍ଥାୟୀ ମାନବିକ ମୂଲ୍ୟବୋଧର ପ୍ରତିଷ୍ଠା ହେଉଛି କାଳଜୟୀ ସାହିତ୍ୟର ପରିଚୟ ବୋଲି ରାଷ୍ଟ୍ରପତି ମୁର୍ମୁ ମତବ୍ୟକ୍ତ କରିଥିଲେ।